## ଟେଣ୍ଡର ବିଜ୍ଞାପନ

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**

ନୋଟିସ୍ ନଂ-....129...... ତା....16.03.2023

# ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ୨୦୨୩-୨୪ବର୍ଷ ପାଇଁ ଆହ୍ୱାନ କରାଯାଇଥିବା ପ୍ରଥମ ପର୍ଯ୍ୟାୟରେ ନିମ୍ନଲିଖିତ ଟେଣ୍ଡର ଗୁଡିକ ନିଷ୍ପତ୍ତି ହୋଇନଥିବାରୁ ଉକ୍ତ ଟେଣ୍ଡର ପାଇଁ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ତା.୨୨.୦୩.୨୦୨୩ରିଖ ସୁଦ୍ଧା ଆବେଦନ କରିପାରିବେ । ପୂର୍ବ ନୋଟିସ୍ ନଂ-୧୧୧/ ତା.୦୯.୦୩.୨୩ ରିଖରେ ବିଜ୍ଞପ୍ତି ହୋଇଥିବା ସମସ୍ତ ନିୟମାବଳୀ ଏହି ପର୍ଯ୍ୟାୟରେ ପ୍ରଯୁଜ୍ୟ ଅଟେ । ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପାଇଁ ତା.୨୨.୦୩.୨୦୨୩ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟରେ ନିଷ୍ପତ୍ତି ହୋଇନପାରିଲେ ତୃତୀୟ ପର୍ଯ୍ୟାୟରେ ଟେଣ୍ଡର ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ **www.maatarini.co.in** ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ଦ୍ୱିତୀୟ ପର୍ଯ୍ୟାୟ | ତା.୨୨.୦୩.୨୩ରିଖ ୧୨ଘଟିକା | ତା.୨୨.୦୩.୨୩ରିଖ ଘ.୧୨.୩୦ମି. |
| ତୃତୀୟ ପର୍ଯ୍ୟାୟ | ତା.୨୯.୦୩.୨୩ରିଖ ୧୨ଘଟିକା | ତା.୨୯.୦୩.୨୩ରିଖ ଘ.୧୨.୩୦ମି. |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ପୂଜାସାମଗ୍ରୀ ଦୋକାନ ନଂ-୩ (ସ୍ଥାନ- ଗାଡି ପୂଜା) | ଟ.୧୧,୮୦,୪୧୦/- | ଟ.୧,୧୮,୦୪୧/- |
| ୨. | ଖୁଣ୍ଟା ମୌଜା ଚାଷ ଜମି | ଟ.୧୨,୬୦୦/- | ଟ.୧,୨୬୦/- |

Smohapatra 16/3/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
**ଘଟଗାଁ, କେନ୍ଦୁଝର**
**ଟେଣ୍ଡର ନିୟମାବଳୀ ୨୦୨୩-୨୪**

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ । ଏହି ଟେଣ୍ଡରରେ କେବଳ ହିନ୍ଦୁ ଧର୍ମର ବ୍ୟକ୍ତି ଆବେଦନ କରିପାରିବେ ।

୨- **ଅମାନତ ରାଶି ଦେୟ"ମା' ତାରିଣୀ ଠାକୁରାଣୀ, ଘଟଗାଁ "ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ ଆକାରରେ କରି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।** ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୂରା ଦସ୍ତଖତ କରିବେ । ଗୋଟିଏ ବିଭାଗ ପାଇଁ ଗୋଟିଏ ଆବେଦନ ଫର୍ମ ଓ ଗୋଟିଏ ବ୍ୟାଙ୍କଡ୍ରାଫ୍ଟ ଦେବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ସେ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ଦେବା ପରେ ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ । ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡଜଷ୍ଟମେଣ୍ଟ ହେବ ନାହିଁ ।

୩- **କୌଣସି ବିଭାଗରେ ଏକକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ** । ଅତି କମ୍‌ରେ ଗୋଟିଏ ବିଭାଗ ପାଇଁ ଦୁଇଟି ଟେଣ୍ଡର ପଡିଥିଲେ ତାହା ବିଚାରକୁ ନିଆଯିବ । ମାତ୍ର ଟେଣ୍ଡର ନିୟମ ଅନୁସାରେ ସମସ୍ତ ମାନଦଣ୍ଡ ଯଥା:- **ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ, ଆବଶ୍ୟକୀୟ ଟାକ୍ସ ସମ୍ବନ୍ଧୀୟ ସାର୍ଟିଫିକେଟ୍ ଓ ଟେଣ୍ଡର ନିୟମ ଅନୁଯାୟୀ ମଗାଯାଇଥିବା ସମସ୍ତ ଦସ୍ତାବିଜ୍ ସଂଯୋଗ କରି ଆବେଦନ ଫର୍ମ ଦେଇଥିଲେ ତାହା ଆବେଦନ ଆକାରରେ ଗଣନା କରାଯିବ ନଚେତ୍ ତାହା ଆବେଦନ ଆକାରରେ ଗଣନା କରାଯିବ ନାହିଁ ।**

୪- ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି/କଳା ତାଲିକାଭୁକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଓ ପୂର୍ବରୁ ଟେଣ୍ଡର ଖିଲାପ କରିଥିବା ବ୍ୟକ୍ତି ଓ ସଂପର୍କୀୟ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

**୫- ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡାନ୍ତ ହେବା ଦିନ ଠାରୁ ୩(ତିନି) ଦିନ ମଧ୍ୟରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବେ ତା'ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।**

୬- ଟେଣ୍ଡର ଅବଧି ମଧରେ ମନ୍ଦିର ପ୍ରଶାସନ ଆବଶ୍ୟକତା ଅନୁଯାୟୀ ନେଉଥିବା ପଦକ୍ଷେପ ଯଥା-ଗାଡି ପାର୍କିଂର ସ୍ଥାନ ପରିବର୍ତ୍ତନ, ଗାଡି ପୂଜାର ସ୍ଥାନ ପରିବର୍ତ୍ତନ, ପୂଜା ଓ ଦର୍ଶନ ଧାଡିର ବ୍ୟବସ୍ଥା ସମ୍ବନ୍ଧରେ ଟେଣ୍ଡରଧାରୀ କୌଣସି ଆପତ୍ତି କରିପାରିବେ ନାହିଁ । ଭକ୍ତମାନଙ୍କ ଶୃଙ୍ଖଳାଗତ ପୂଜା ବା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ନିଷ୍ପତ୍ତି ଚୁଡାନ୍ତ ଓ ନିୟମାବଳୀରେ ଆବଶ୍ୟକୀୟ ନୂତନ ନିୟମ ଯୋଗ କରିପାରିବେ ।

୭-ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ସେ ମୋଟ ଟେଣ୍ଡର ମୂଲ୍ୟ ସଂପୂର୍ଣ୍ଣ ଭାବେ ସଙ୍ଗେସଙ୍ଗେ ନଗଦ ଟଙ୍କା ଦାଖଲ କରିବେ । ନଚେତ୍ ତାଙ୍କ ଅମାନତ ରାଶିକୁ ବ୍ୟାଜାପ୍ତି କରାଯାଇ ସେହି ଟେଣ୍ଡରକୁ ନାକଚ କରାଯିବ । ନାକଚ ହୋଇଥିବା ଟେଣ୍ଡର ପାଇଁ ପରବର୍ତ୍ତୀ ତାରିଖରେ ପୁନର୍ବାର ଟେଣ୍ଡର ଆବେଦନ କରିପାରିବେ । ଯେଉଁ ବ୍ୟକ୍ତିଙ୍କର ଟେଣ୍ଡର ନାକଚ ହୋଇଥିବ ସେ ପରବର୍ତ୍ତୀ ପର୍ଯ୍ୟାୟରେ ଆବେଦନ କରିପାରିବେ ନାହିଁ । ଅନ୍ୟ ଆବେଦନକାରୀମାନେ ସେମାନଙ୍କର ଅମାନତ ଦେୟର ବ୍ୟାଙ୍କଡ୍ରାଫ୍ଟ ଫେରସ୍ତ ନେଇ ପୁନର୍ବାର ପରବର୍ତ୍ତୀ ପର୍ଯ୍ୟାୟରେ ନୂତନ ଭାବେ ଆବେଦନ ଫର୍ମ କ୍ରୟ କରି ଆବେଦନ କରିପାରିବେ ।

୮- ପୂଜାସାମଗ୍ରୀ ଦୋକାନରେ ମନ୍ଦିର କାର୍ଯ୍ୟାଳୟର ଆବେଦନ ଫର୍ମ ସହିତ ସଂଯୁକ୍ତ ଥିବା ଅନୁମୋଦିତ ମୂଲ୍ୟସୂଚୀ ଅନୁଯାୟୀ ସର୍ବଦା ପୂଜା ସାମଗ୍ରୀ ବିକ୍ରି କରିବେ । ମନ୍ଦିର ତରଫରୁ ଉକ୍ତ ଅନୁମୋଦିତ ମୂଲ୍ୟସୂଚୀକୁ ଇଲେକ୍ଟ୍ରୋନିକ୍ସ ବିଲିଙ୍ଗ୍ ମେସିନରେ ଫିଡିଙ୍ଗ୍ କରାଯିବ ଓ ଟେଣ୍ଡରଧାରୀ ଏକ ସାଇନ୍‌ବୋର୍ଡ ଲେଖି ନିଜ ଦୋକାନ ସମ୍ମୁଖରେ ଲଗାଇବେ । ଟେଣ୍ଡରଧାରୀ ଭୋଗ କିଣୁଥିବା ପ୍ରତି ଭକ୍ତଙ୍କୁ ବିଲ୍ ଦେବେ । ଅନୁମୋଦିତ ତାଲିକା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବିକ୍ରି କରିପାରିବେ ନାହିଁ । ଏଥିରେ ଟେଣ୍ଡରଧାରୀଙ୍କ ବିରୁଦ୍ଧରେ ଅଭିଯୋଗ ହେଲେ ତାଙ୍କ ଟେଣ୍ଡର ନାକଚ କରାଯାଇ ସିକ୍ୟୁରିଟି ଅର୍ଥ ବ୍ୟାଜାପ୍ତି କରାଯିବା ସହିତ ଥାନାରେ ଏତଲା ରୁଜୁ କରାଯିବ ।

୯- ଟ୍ରଷ୍ଟ ବୋର୍ଡର ନିଷ୍ପତ୍ତି ଚୁଡାନ୍ତ ନିଷ୍ପତ୍ତି । ଟ୍ରଷ୍ଟ ବୋର୍ଡ ଚାହିଁଲେ ବିନା କୌଣସି କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ ।

Subhayatra
16/5/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।